## ବିରୋଧୀଦଳ ବୈଠକରେ ସୋନିଆ ଗାନ୍ଧୀଙ୍କ ଟିପ୍ପଣୀ

# ୨୦ ଲକ୍ଷ କୋଟିର ପ୍ୟାକେଜ୍ ଘୋଷଣା ନିଷ୍ଠୁର ଉପହାସ

**ନୂଆଦିଲ୍ଲୀ,୨୨।୫/ଏଜେନ୍ସି :** କୋଭିଡ୍-୧୯ ଲକ୍‌ଡାଉନ୍ କାରଣରୁ ସୃଷ୍ଟି ହୋଇଥିବା ଦେଶର ଆର୍ଥିକ ବିପତ୍ତିକୁ ସୁଧାରିବା ପାଇଁ କେନ୍ଦ୍ର ସରକାରଙ୍କ ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣାନାମା ଦେଶବାସୀଙ୍କ ପ୍ରତି ନିଷ୍ଠୁର ଉପହାସ ବୋଲି ଶୁକ୍ରବାର ଅନୁଷ୍ଠିତ ବିରୋଧୀଦଳର ବୈଠକରେ ଅଧ୍ୟକ୍ଷତା କରି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏହି ମନ୍ତବ୍ୟ ପ୍ରଦାନ କରିଛନ୍ତି । ସେ କହିଛନ୍ତି, ମାର୍ଚ୍ଚ ୨୪ରେ କେନ୍ଦ୍ର ସରକାର ଲକ୍‌ଡାଉନ୍ ନୋଟିସ୍ ଜାରି କରିଥିଲେ । କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧୀ ଦଳଗୁଡ଼ିକ ପୂର୍ଣ୍ଣ ସମର୍ଥନ କରିଥିଲେ । କୋଭିଡ୍-୧୯ ମହାମାରୀକୁ ମୁକାବିଲା କରିବା ପାଇଁ ସରକାର ୨୧ ଦିନିଆ ଲକ୍‌ଡାଉନ୍ ନିଷ୍ପତ୍ତି ନେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ । ଏବେ ସରକାରଙ୍କ ଆଭିମୁଖ୍ୟରେ ଆମୂଳଚୂଳ ପରିବର୍ତ୍ତନ ଘଟିଛି । କେନ୍ଦ୍ର ସରକାର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଭୁଲିଯାଇଛନ୍ତି । ସମ୍ବିଧାନକୁ ସମ୍ପୂର୍ଣ୍ଣ ଭୁଲିଯିବା ସହ ବିକେନ୍ଦ୍ରୀକରଣ ଶାସନ ବ୍ୟବସ୍ଥାକୁ ଏଡ଼ାଇ ଯାଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶରେ ସମ୍ପୂର୍ଣ୍ଣ ଭାରତରେ ଶାସନ ପ୍ରକ୍ରିୟା ଚାଲିଛି । ସଂସଦର ଉଭୟ ସଦନ ଅବା କୌଣସି କମିଟିର ଗୁରୁତ୍ୱ ପରିଲକ୍ଷିତ ହେଉନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଘୋଷଣାନାମା ସାଙ୍ଗକୁ ବିଗତ ୫ ଦିନ ଧରି କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ବିସ୍ତୃତ ଆତ୍ମନିର୍ଭରଶୀଳ ଭାରତ ବିବରଣୀ ଆଉ କିଛି ନୁହେଁ, ଭାରତବାସୀଙ୍କ ପ୍ରତି ନିଷ୍ଠୁର ଉପହାସ ।



ସେ ପୁଣି କହିଛନ୍ତି ଯେ ଲକ୍‌ଡାଉନ୍ ଘୋଷଣା କରାଯିବା ଫଳରେ ଦେଶରେ ଯାତାୟତ ବ୍ୟବସ୍ଥା ବନ୍ଦ ହୋଇଗଲା । କାରଖାନା ବନ୍ଦ ହୋଇଯିବା ଫଳରେ ଲକ୍ଷାଧିକ ପ୍ରବାସୀ ଶ୍ରମିକମାନେ ଚାକିରି ହରାଇ ପିଲାଛୁଆଙ୍କୁ ଧରି ମାଇଲ ମାଇଲ ଧରି ବାଟ ଚାଲିବାକୁ ଲାଗିଲେ ।  ବହୁ ସଂଖ୍ୟକ ପ୍ରବାସୀ ଶ୍ରମିକଙ୍କ ବାଟଚଲା ଦୁର୍ଦ୍ଦଶା ଦେଖିବା ପରେ କେନ୍ଦ୍ର ସରକାରଙ୍କ ଚେତା ପଶିଲା । ପରବର୍ତ୍ତୀ ସମୟରେ ନୀତି କୋହଳ କଲେ ସିନା ; ତଥାପି ପ୍ରବାସୀ ଶ୍ରମିକଙ୍କ ଦୁର୍ଦ୍ଦଶା କମିନି । ଏହା ଭିତରେ ଲକ୍‌ଡାଉନ୍ ପ୍ରକ୍ରିୟା ଚତୁର୍ଥ ସୋପାନରେ ପହଞ୍ଚିଛି । ତଥାପି ବହୁ ସଂଖ୍ୟକ ପ୍ରବାସୀ ଶ୍ରମିକ ପରିବାର ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚୁ ନାହାନ୍ତି ।

ବିରୋଧୀଦଳ ବୈଠକରେ ପ୍ରାୟ ୨୨ଟି ରାଜନୈତିକ ଦଳର ତୁଙ୍ଗନେତାମାନେ ଯୋଗ ଦେଇଥିଲେ । ଉକ୍ତ ବୈଠକରେ ପଶ୍ଚିମବଙ୍ଗ ଓ ଓଡ଼ିଶାରେ ସାମୁଦ୍ରିକ ଝଡ଼ 'ଅମ୍ଫନ'ର ପ୍ରକୋପ ଓ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ନିତିଦିନ NITIDIN Sat, May 23, 2020
http://odishanewsnitidin.com